# Akashvani, Sambalpur

# SAMBALPURI NEWS BULLETIN

## 20 January 2025- 6.47- 6.52 am.

*********************************************

ମନ୍ କି ବାତ୍        ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଲାକାଏଲ୍ ଶହେ ୧୮ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଦେଶ୍‌ବାସୀଙ୍କର୍ ସଙ୍ଗେ ବିଚାର୍ ବିନିମୟ କରିକରି ଆଧୁନିକ୍ ମହାକାଶ୍ ପ୍ରଯୁକ୍ତି ବିଦ୍ୟାଥି ଭାରତ୍ ତାର୍ ବୈଜ୍ଞାନିକ୍ ଆର୍ ଉଦ୍ଭାବକ ମାନ୍‌କର୍ ପ୍ରଶଂସା କରିଛନ୍ । ଆଏବା ରଏବାର୍ ଦିନ ପାଲନ୍ ହେବାର୍‌କେ ଥିବା ସମ୍ବିଧାନ୍‌ର ୭୫ ବଛର୍‌ପୂର୍ତ୍ତି ଆର୍ ସାଧାରଣ୍‌ତନ୍ତ୍ର ଦିବସ୍‌କେ ନେଇକରି ପ୍ରଧାନ୍‌ମନ୍ତ୍ରୀ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ଭୋଟର୍ ଦିବସ୍, ମହାକୁମ୍ଭମେଳା, ଷ୍ଟାର୍ଟଅପ୍ ଇଣ୍ଡିଆ ସହେତେ ଆଏବା ୨୩ ତାରିଖ୍ ଦିନ ହେବାର୍‌କେ ଥିବା ନେତାଜୀ ସୁବାସ୍ ଚନ୍ଦ୍ର ବୋଷ୍‌ଙ୍କର୍ ଜୟନ୍ତୀ ବାବ୍‌ଦେ ଭିଲ୍ ତାକର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଆଲୋଚନା କରିଛନ୍ ।

ଖୋ ଖୋ ବିଶ୍ୱବିଜେତା I&PR/ଏକ୍ସ

ପହେଲା ଖୋ ଖୋ ବିଶ୍ୱକପ୍ ପ୍ରତିଯୋଗିତାଥି ଭାରତ୍‌ର ପୁରୁଷ ଆର୍ ମହିଲା ଦଲ୍ ବିଶ୍ୱବିଜେତା ହେଇଛନ୍ ।

ନୂଆଦିଲ୍ଲୀର୍ ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ଫାଇନାଲ୍ ମେଚ୍‌ଥି ଭାରତ୍‌ର ଐତିହାସିକ୍ ବିଜୟ ସାରା ଦେଶ୍‌କେ ଉତ୍ସାହିତ୍ କରିଦେଇଛେ । ପୁରୁଷ ଆର୍ ମହିଲା ଖୋ ଖୋ ଦଲ୍‌ର ବିଶ୍ୱବିଜୟ ଉତ୍‌ରୁ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜନେଇଛନ୍ । ଇ ଜିତ୍ ଆଗ୍‌କେ ଖୋ ଖୋ ଖେଲ୍‌କେ ଯୁଆନ୍ ମାନ୍‌କର୍ ଭିତ୍‌ରେ ଲୋକପ୍ରିୟ କର୍‌ବା ବଲି ପ୍ରଧାନ୍‌ମନ୍ତ୍ରୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ କହିଛନ୍ ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ପୁରୁଷ ଆର୍ ମହିଲା ଖୋ ଖୋ ଦଲ୍‌କେ ଶୁଭେଚ୍ଛା ଜନେଇଛନ୍ । ଗଲାକାଏଲ୍ ହେଇଥିବା ଖୋ ଖୋ ବିଶ୍ୱକପ୍ ମେଚ୍‌ଥି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ୍ ଉପସ୍ଥିତ୍ ଥିଲେ ।

ଇନ ଜନେଇ ଦିଆଯାଇପାରେ ଯେ, ଭାରତୀୟ ଖୋ ଖୋ ଦଲ୍‌କେ ଓଡ଼ିଶା ସର୍‌କାର୍ ଜାନୁଆରୀ ୨୦୨୫ ନୁ ଡିସେମ୍ବର୍ ୨୦୨୭ ତକ୍ ସ୍ପନ୍‌ସର୍ କରୁଛନ୍ ।

ଜାତୀୟ ଖଣିମନ୍ତ୍ରୀ ସମ୍ମିଳନୀ I&PR

କେନ୍ଦ୍ର ଖଣି ମନ୍ତ୍ରଣାଳୟ ତରଫୁ ଓଡ଼ିଶା ସର୍କାର୍‌ଙ୍କର୍ ସହଯୋଗ୍‌ଥି କୋଣାର୍କ ଠାନେ ଆଏଜ୍‌ଠାନୁ ୩ ନମ୍ବର୍ ଜାତୀୟ ଖଣିମନ୍ତ୍ରୀମାନ୍‌କର୍ ସମ୍ମିଳନୀ ମୁଲ୍ ହେଉଛେ । କେନ୍ଦ୍ର କୁଇଲା ଆର୍ ଖଣିମନ୍ତ୍ରୀ ଜି. କିରଣ୍ ରେଡ୍ଡୀଙ୍କର୍ ଅଧ୍ୟକ୍ଷତାଥି ହେବାର୍‌କେ ଥିବା ୨ ଦିନିଆ ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ବୈଠକ୍‌ଥି ଦେଶର୍ ୧୬ ନୁ ଅଏତ୍‌କା ଖଣିମନ୍ତ୍ରୀ, ଝାର୍‌ଖଣ୍ଡ ମୁଖ୍ୟମନ୍ତ୍ରୀ ଜମ୍ମୁ କଶ୍ମୀର୍ ଉପମୁଖ୍ୟମନ୍ତ୍ରୀ ଆର୍ ରାଜ୍ୟ ଆର୍ କେନ୍ଦ୍ର ସର୍କାର୍‌ଙ୍କର୍ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେବେ ।

ମୁଖ୍ୟମନ୍ତ୍ରୀ-ଜନଅଭିଯୋଗ୍ ଶୁଣାଣି I&PR

ଭୁବ୍‌ନେଶ୍ୱର୍ ୟୁନିଟ୍- ୫ ନ ଆଏଜ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଗୁରୁତ୍ୱପୂର୍ଣ୍ଣ କାମ୍ ରହୁଥିବାର୍‌ନୁ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତରଫୁ ସୂଚ୍‌ନା ଦିଆଯାଇଛେ ।

ରାଜ୍ୟପାଲ୍- ଦିବ୍ୟାଙ୍ଗ ଛାତ୍ରଛାତ୍ରୀ I&PR

ଦିବ୍ୟାଙ୍ଗମାନଙ୍କର୍ ଭିତ୍ରେ ଭରପୁର ପ୍ରତିଭା ରହିଛେ ଆଉ ସେମାନଙ୍କର ପ୍ରତିଭାକେ ତହଁକାବାର୍ ଦର୍କାର୍ ବଲି ରାଜ୍ୟପାଲ୍ ହରିବାବୁ କମ୍ଭମ୍ପାଟି କହିଛନ୍ । ଗଲକାଏଲ୍ ରାଜ୍ଭବନ୍ ବୁଲି ଆସିଥିବା ଖୋର୍ଦ୍ଧା ଜିଲ୍ଲା ଜଟଣୀର୍ ଶ୍ରୀହର୍ଷ ମିଶ୍ର ସ୍ମୃତି ବଧିର ବିଦ୍ୟାଳୟର ଛାତ୍ରଛାତ୍ରମାନ୍ଙ୍କୁ ଭେଟିକରି ରାଜ୍ୟପାଲ ଶ୍ରୀ କମ୍ଭମ୍ପାଟି ଇ ଦିଗେ ସମ୍କୁ ସହଯୋଗ୍ର ହାତ୍ ବଢ଼ାବାର୍କେ କହିଛନ୍ । ଇ ଉଧେ ରାଜ୍ୟପାଲ୍ ଦିବ୍ୟାଙ୍ଗ୍ ଛୁଆମାନଙ୍କର୍ ସୁବିଧା ଅସ୍ବିଧା ବୁଝିଥିଲେ ।

ମୁଖ୍ୟମନ୍ତ୍ରୀ ସମୀକ୍ଷା ବୈଠକ୍ I&PR

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଲାକାଏଲ୍ ସଞ୍ଜବେଲେ ଭୁବନେଶ୍ୱର ଲୋକସେବା ଭବନଠାନେ ରାଏଜେ ଆଇନ୍ ଶୃଙ୍ଖଳା ଥିତିକେ ନେଇକରି ଗୁଟେ ସମୀକ୍ଷା ବୈଠକ୍ କରିଛନ୍ । ବୈଠକ୍ଥି ପୁଲିସ ବିଭାଗର୍ ଭିନ୍ ଭିନ୍ ସମସ୍ୟାର୍ ସମାଧାନ୍ ବିଷେଥି ଆଲୋଚନା ହେଇଥିଲା । ସଡ଼କ୍ ସୁରକ୍ଷା

ଦିଗେ ବଡ଼ ଭୂମିକା ନଉଥିବା ଟ୍ରାଫିକ୍ ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍ ଲାଗି ରାଏଜେ ଆଉ ୨ ହଜାର ନୂଆ ଟ୍ରାଫିକ୍ ପୁଲିସ ପଦ୍ ସୃଷ୍ଟି କର୍‌ବାର ଲାଗି ମୁଖ୍ୟମନ୍ତ୍ରୀ ବୈଠକ୍‌ଥି ନିର୍ଦ୍ଦେଶ ଦେଇଛନ୍ । ହେନ୍ତା ବଢୁଥିବା ସାଇବର୍ ଅପରାଧ୍‌ର ମୁକାବିଲା ଲାଗି ସବୁ ଜିଲ୍ଲା ନ ଗୁଟେ ଲେଖା ସାଇବର୍ ଥାନା ପ୍ରତିଷ୍ଠା କରାଯିବା । ଇଥିର୍‌ଲାଗି ରାଏଜେ ଆଉ ୨୦ଟା ସାଇବର୍ ଥାନା ଥାପ୍‌ନା କର୍‌ବାରକେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ ।

ବୈଠକ୍‌ଥି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୁଲିସ ମହାନିର୍ଦ୍ଦେଶକ ଓ୍ୱାବି ଖୁରାନିଆ ଆର୍ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ଚାଖୀ ଖୁଂଟିଆ ଜୟନ୍ତୀ I&PR

ମହାନ୍ ବିପ୍ଳବୀ ଚନ୍ଦନ୍ ହଜୁରୀ ଚାଖୀ ଖୁଂଟିଆଙ୍କର୍ ରାଜ୍ୟସ୍ତରୀୟ ଜୟନ୍ତୀ ଆଏଜ୍ ପାଲନ୍ କରାଯିବା । ଇ ଅବ୍‌ସରେ ସଖାଲ୍‌ବେଲା ଭୁବ୍‌ନେଶ୍ୱର୍‌ର କଳ୍ପନା ଛକ ଠାନେ ଚାଖୀ ଖୁଂଟିଆଙ୍କର୍ ପ୍ରତିମୂର୍ତ୍ତିଥି ମାଲ୍ୟାର୍ପଣ୍ କରାଯିବାର୍ ସହେତେ ବେଲ୍‌ବୁଢ଼େ ଜୟଦେବ୍ ଭବନ୍ ଠାନେ ଗୁଟେ ସାଧାରଣ୍ ସଭା ହେବା ।

କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଅନ୍ତଃଜିଲ୍ଲା ଡବଲ୍ସ ବେଡ଼ମିଂଟନ୍ ଚମ୍ପିଆନ୍‌ସିପ        ନୂଆପଡ଼ା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବିଜୁ ପଟ୍ଟନାୟକ୍ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ଠାନେ ଖଡ଼ିଆଲ୍ ଯୁବମୋର୍ଚ୍ଚା ତର୍‌ଫୁ ଚାଲିଥିବା ଅନ୍ତଃଜିଲ୍ଲା ଡବଲ୍ସ ବେଡ଼ମିଂଟନ୍ ଚମ୍ପିଆନ୍‌ସିପ୍ ଉଦ୍‌ଯାପିତ୍ ହେଇଯାଇଛେ । ଉଦ୍‌ଯାପନୀ ପୁରସ୍କାର୍ ବିତରଣୀ ଉତ୍ସବ୍‌ଥି ମୁଖ୍ୟଅତିଥି ଭାବେ ଖଡ଼ିଆଲ୍ ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀ ଯୋଗ୍ ଦେଇକରି ଖେଲାଲୀମାନ୍‌କୁ ଉତ୍ସାହିତ୍ କର୍‌ବାର୍ ସହେତେ ଚମ୍ପିଆନ୍ ଆର୍ ରନର୍ସ ଅପ୍ ଖେଲାଲିଙ୍କୁ ପୁରସ୍କୃତ୍ କରିଥିଲେ ।

ସର୍ବଭାରତୀୟ ବୋଡ଼ାସମ୍ବର୍ କ୍ରିକେଟ୍ କପ/ଆର୍‌ଏନ୍‌ୟୁ /ସମ୍ବଲପୁର

ବର୍‌ଗଡ଼୍ ଜିଲ୍ଲା ପଦମ୍‌ପୁର୍ ବୋଡ଼ାସମ୍ବର୍ ଖେଲ୍‌ପଡ଼ିଆଠାନେ ସର୍ବଭାରତୀୟ ବୋଡ଼ାସମ୍ବର୍ କ୍ରିକେଟ୍ କପ୍‌ର ଫାଇନାଲ୍ ମେଚ୍‌ଥି କଟକ୍‌ର ୟୁନିସ୍ପୋର୍ଟିଙ୍ଗ୍ ଦଲ୍‌କେ ୫୭ ରନ୍‌ଥି ହରେଇକରି ରାଜା

ୱାରିୟର୍ ରାଜ୍‌ମେନ୍ଦ୍ରୀ ଦଲ୍ ଚମ୍ପିଆନ୍ ହେଇଛେ । ଅତିଥି ମାନେ ବିଜେତା - ଉପବିଜେତା ଦଲ୍‌କେ ପୁରସ୍କୃତ୍ କରିଥିଲେ ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ହକି ଇଣ୍ଡିଆ ଲିଗ୍‌ର ମହିଲା ବର୍ଗଥି ଆଏଜ୍ ବେଲ୍‌ବୁଡ଼ର୍ ୬ ବଜେନୁ ରାଂଚି ଠାନେ ସୁର୍‌ମା ହକି କ୍ଲବ୍ ଆର୍ ଦିଲ୍ଲୀ ଏସ୍.ଜି ପାଇପର୍ସ ଭିତ୍‌ରେ ମେଚ୍ ହେବା ।

ସେଆଡ଼େ ପୁରୁଷ ବର୍ଗଥି ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଆଏଜ୍ ରାତି ୮ ବାଜିକରି ୧୫ ମିନିଟ୍‌ଥି ସ୍ୱାଟୀ ରାହା ବେଙ୍ଗଲ୍ ଟାଇଗର୍ସ ଆର୍ ସୁର୍‌ମା ହକି କ୍ଲବ୍ ଭିତ୍‌ରେ ମେଚ୍ ହେବା ।

ଗଲାକାଏଲ୍ ହେଇଥିବା ମହିଲା ବର୍ଗ ମେଚ୍‌ଥି ଓଡ଼ିଶା ୱାରିୟର୍ସ ଦଲ୍ ସ୍ୱାଟୀ ରାହା ବେଙ୍ଗଲ୍ ଟାଇଗର୍ସ ଦଲ୍‌କେ ହରେଇକରି ତାଲିକାର୍ ଶୀର୍ଷସ୍ଥାନଥି ପୁହୁଁଚିଛେ । ପୁରୁଷ ବର୍ଗଥି ବେଦାନ୍ତ କଳିଙ୍ଗ ଲାନ୍‌ସର୍ସ - ଦିଲ୍ଲୀ ଏସ୍.ଜି. ପାଇପର୍ସକେ ସୁଟ୍‌ଆଉଟ୍‌ଥି ହରେଇଛେ ।